**TRACK - 7**

ଏସ୍. ଡାନିଏଲ ସମ୍ପଥ କୁମାର,
ଘର ନଂ- 147, ଥିରୁନିଲାଇ କଲୋନୀ,
ଭିଚୁର୍ (ପୋଷ୍ଟ ), ଚେନ୍ନାଇ, ପିନ୍- 6000103




**S.DANIEL SAMPATH KUMAR**
*No. 147, Thirunilai colony ,*
*vichoor post , chennai - 600 103*
*E-Mail : sdanielsampathkumar@gmail.com*
*Website : danielendtimebooksministry.org*
*Phone No :* 99419 74213 , 96001 71260

**ORIYA**

# *The Spoken Word*

*by*

*WILLIAM MARRION BRANHAM*

## ଭାବବାଦୀ
## ଓ୍ୱିଲିୟମ ମେରିୟମ ବ୍ରାନ୍‌ହାମ୍‌ଙ୍କ
## ନିକଟକୁ ଈଶ୍ୱରଙ୍କ ପ୍ରେରିତ ବାକ୍ୟ

**God's Word Came to the Prophet**
**William Marrion Branham**

**"ଯୀଶୁ ଖ୍ରୀଷ୍ଟ ହିଁ ପରମେଶ୍ୱର ଅଟନ୍ତି"**
**Jesus Christ is God.**

**କଥିତ ବାକ୍ୟ ହିଁ ମୂଳ ବୀଜ ଅଟେ**

ଭଳି ଅଦ୍ଭୁତ କାର୍ଯ୍ୟସାଧନ କରି ପାରନ୍ତି, ତଥାପି ଆପଣ ପ୍ରକାଶନଟି ଲାଭ କରି ପାରିବେ ନାହିଁ । ଏହା ତ ପରମେଶ୍ୱରଙ୍କଠାରୁ ଆଗତ ହୁଏ । ବାକ୍ୟରେ ଲିଖିତ ହୋଇଅଛି ଯେ, ସ୍ୱୟଂ ପବିତ୍ର ଆତ୍ମାଙ୍କ ବିନୁ କୌଣସି ମନୁଷ୍ୟ ସ୍ୱୟଂରୁ ଯୀଶୁଙ୍କୁ ମସୀହ କହିପାରେ ନାହିଁ । ପ୍ରଥମେ ଆପଣଙ୍କୁ ପବିତ୍ର ଆତ୍ମା ଲାଭ କରିବା ଆବଶ୍ୟକ ଅଟେ ଆଉ ତା ପରେ, ଏଥିଅନ୍ତେ ପବିତ୍ର ଆତ୍ମା ଆପଣଙ୍କୁ ଏହି ପ୍ରକାଶନଟିକୁ ଦାନ କରିବେ ଯେ ଯୀଶୁ ହିଁ ମସୀହ (ଖ୍ରୀଷ୍ଟ) ଅଟନ୍ତି — ପରମେଶ୍ୱରଙ୍କର ଅଭିଷିକ୍ତ ହୋଇଥିବା ମସୀହ ଅଟନ୍ତି ।

—※—

# ଭାବବାଦୀ
# ୱିଲିୟମ ମେରୟମ ବ୍ରାନ୍‌ହାମ୍‌ଙ୍କ
# ନିକଟକୁ ଈଶ୍ୱରଙ୍କ ପ୍ରେରିତ ବାକ୍ୟ

**God's Word Came to the Prophet**
**William Marrion Branham**

## "ଯୀଶୁ ଖ୍ରୀଷ୍ଟ ହିଁ ପରମେଶ୍ୱର ଅଟନ୍ତି"

**Jesus Christ is God.**

ବର୍ତ୍ତମାନ ପ୍ରକାଶନଟି କହେ : **ଯୀଶୁ ଖ୍ରୀଷ୍ଟ ହିଁ ପରମେଶ୍ୱର ଅଟନ୍ତି । ପୁରାତନ ନିୟମର ଯିହୋବା ହିଁ ନୂତନ ନିୟମର ଯୀଶୁ ଅଟନ୍ତି ।** ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ପ୍ରମାଣ କରି ପାରିବେ ନାହିଁ ଯେ ତିନି ଈଶ୍ୱର ବିଦ୍ୟମାନ ଅଟନ୍ତି । ଅବଶ୍ୟ ପରମେଶ୍ୱର ଏକ ଅଟନ୍ତି ବୋଲି ପ୍ରମାଣ କରିବାକୁ ପବିତ୍ର ଆତ୍ମାଙ୍କ ପ୍ରକାଶନର ଆଶ୍ରୟ ନେବାକୁ ପଡ଼ଥାଏ । ପୁରାତନ ନିୟମର ଯିହୋବା ହିଁ ନୂତନ ନିୟମର ଯୀଶୁ ଖ୍ରୀଷ୍ଟ ଅଟନ୍ତି ଏହାକୁ ଅବଗତ ହେବା ନିମନ୍ତେ, ଆପଣଙ୍କୁ ମଧ୍ୟ ପ୍ରକାଶନଟିର ଆଶ୍ରୟ ନେବାକୁ ପଡ଼ିବ ।

ଶୟତାନ ମଣ୍ଡଳୀ ମଧ୍ୟରେ ପ୍ରବେଶ କରି ଲୋକମାନଙ୍କୁ ଅନ୍ଧ କରି ଏ ସତ୍ୟତାରୁ ଦୂରେଇ ନେଇଛି । ଆଉ ଏହି ସତ୍ୟତା ପ୍ରତି ଲୋକମାନେ ଅନ୍ଧ ହୋଇ ଯିବାର କିଛିକାଳ ଉତ୍ତାରେ, ରୋମାନ କ୍ୟାଥୋଲିକ ମଣ୍ଡଳୀଟି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବାର ପ୍ରଥାଟିକୁ ସ୍ଥଗିତ କରିଦେଲା ।

ମୁଁ ସ୍ୱୀକାର କରୁଛି ଆଜିକାଲି ପବିତ୍ର ଶାସ୍ତ୍ରର ମିଶ୍ରିତ କଳୁଷିତ ବାକ୍ୟକୁ ବିଶ୍ୱାସ କରି ଆମର ଅଧୋଗତି ଘଟିଛି ତେଣୁ ପରମେଶ୍ୱରଙ୍କ ବିଷୟରେ ପ୍ରକୃତ ତଥ୍ୟକୁ ଜାଣିବା ନିମନ୍ତେ ପବିତ୍ର ଆତ୍ମାଙ୍କ ଦ୍ୱାରା ଦତ୍ତ ହୋଇଥିବା ପ୍ରକାଶନର ଆବଶ୍ୟକତା ରହିଅଛି । କିନ୍ତୁ ପ୍ରକାଶନକୁ ଆଧାର କରି ଗଠିତ ଚିରଶାଶ୍ୱତ ଅନାବିଳ ମଣ୍ଡଳୀ ମାଧ୍ୟମରେ ସତ୍ୟକୁ ପରମେଶ୍ୱର ପ୍ରକାଶ କରିବେ ବୋଲି ଆମ୍ଭେ ଆଶା କରୁ । ତଥାପି ମଗ୍ନୀକରଣ ରୂପି ବାପ୍ତିସ୍ମର ନିମନ୍ତେ ଆପଣମାନଙ୍କୁ କୌଣସି ପ୍ରକାରର ପ୍ରକାଶନର ଆବଶ୍ୟକତା ରହିନାହିଁ, ଯେହେତୁ ଏପରି ଧରଣର ବାପ୍ତିସ୍ମଟି ସ୍ପଷ୍ଟ ରୂପେ ଦୃଷ୍ଟିଗୋଚର ହୁଏ । ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ନ କରିବା ଦ୍ୱାରା ପ୍ରେରିତମାନେ ଯେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକୁ ଜାଣିଶୁଣି ଅବମାନନା କରି ବିପଥଗାମୀ ହୋଇଛନ୍ତି, ଜଣକ ପାଇଁ ମୁଦ୍ଧା ଏପରି ଚିନ୍ତା କରିବା ସମୀଚୀନ କି ? ସେମାନେ ନାମର ମହତ୍ତ୍ୱ ବୁଝିଥିଲେ ଓ ଯୀଶୁ ଖ୍ରୀଷ୍ଟଙ୍କ ନାମ ବିନା ବାପ୍ତିସ୍ମ ପ୍ରଦାନ କରଯାଇ ଥିବା କଥା ପବିତ୍ର ଶାସ୍ତ୍ରରେ କେଉଁଠି ହେଲେ ଉଲ୍ଲେଖ କରଯାଇ ନାହିଁ । ସାଧାରଣଜ୍ଞାନ କହେ ଯେ ପ୍ରେରିତମାନଙ୍କ କାର୍ଯ୍ୟ ବିବରଣୀର ପୁସ୍ତକଟି ମଣ୍ଡଳୀର କାର୍ଯ୍ୟକାରିତା ଉପରେ ଆଧାରିତ । ତେଣୁକରି ସେମାନେ ଯଦି ସେପରି (ଯୀଶୁ ଖ୍ରୀଷ୍ଟଙ୍କ ନାମରେ) ବାପ୍ତିସ୍ମ ପ୍ରଦାନ କରିଥିଲେ ତେବେ ସ୍ୱୀକାର କରିବାକୁ ପଡ଼ିବ ଯେ ବାପ୍ତିସ୍ମର ଏହା ହିଁ ଏକମାତ୍ର ପନ୍ଥା ଅଟେ, ଆପଣମାନେ ଯଦି ଏହାକୁ କଠିଣ ବୋଲି ଭାବନ୍ତି ତେବେ ନିମ୍ନ ଉକ୍ତି ପାଇଁ ଆପଣ କି ଉତ୍ତର ଦେବେ ? ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଗ୍ରହଣ କରି ନାହାନ୍ତି ସେମାନଙ୍କୁ ଆଉଥରେ ବାପ୍ତିସ୍ମ ଗ୍ରହଣ କରିବାକୁ ପଡ଼ିବ ।



ଯେ, ଜଣେ ପିତା – ଜଣେ ପୁତ୍ର — ଏବଂ ଅନ୍ୟ ଜଣେ ପବିତ୍ର ଆତ୍ମା ଅଟନ୍ତି । ସେ ତତ୍‌କ୍ଷଣାତ୍ ଆପଣଙ୍କୁ ପଚାରିବେ ସେପରି ବିଶ୍ୱାସଟି କେଉଁଠାରୁ ଆଗତ ହେଲା । ଯିହୁଦୀମାନେ ଏହାକୁ ଜାଣନ୍ତି ଯେ ଏପରି ଏକମତକୁ 'ନାଇସିଆ ମହାସଭାରେ' ସ୍ଥାପିତ କରଯାଇ ଥିଲା । ତେଣୁ ଯିହୁଦୀମାନେ ଆମ୍ଭମାନଙ୍କୁ ମୂର୍ତ୍ତି ପୂଜକ କହି ଯେ ତିରସ୍କାର କରନ୍ତି ଏଥିରେ ଆଶ୍ଚର୍ଯ୍ୟ ଚକିତ ହେବାର କୌଣସି କାରଣ ନାହିଁ ।

ସେହି ଅପରିବର୍ତ୍ତନୀୟ ଈଶ୍ୱରଙ୍କ ବିଷୟରେ ଆମ୍ଭେମାନେ ଚର୍ଚ୍ଚା କରୁଛୁ । ଯିହୂଦୀମାନେ ଠିକ୍ ଏହିପରି ବିଶ୍ୱାସ କରିଥାନ୍ତି । କିନ୍ତୁ ମଣ୍ଡଳୀ ସେହି ଅପରିବର୍ତ୍ତନୀୟ ପରମେଶ୍ୱରଙ୍କୁ ଏକରୁ ତିନି ଭାଗରେ ବିଭକ୍ତ କରି ପରିବର୍ତ୍ତନ କରି ଦେଇଛି । ମାତ୍ର ସନ୍ଧ୍ୟା ସମୟର ଦୀପ୍ତିଟି ଉପସ୍ଥିତ ହୋଇସାରି ଅଛି । ଧ୍ୟାନ କରିବାର ବିଷୟ ଏହି ଯେ ଯିହୂଦୀମାନେ ପାଲେଷ୍ଟାଇନ୍‌କୁ ଫେରି ଆସୁଥିବା ସମୟରେ ହିଁ ଏହି (ପ୍ରକାରର) ସତ୍ୟତାଟି ପ୍ରଘଟ ହୋଇଅଛି **ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ଅଟନ୍ତି ଏବଂ ଏହ ଯୀଶୁ ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ ଅଟନ୍ତି ।**

ଯୋହନ ପ୍ରକାଶନଟିକୁ ଲାଭ କରିଥିଲେ, ଆଉ ପ୍ରକାଶନଟି ସ୍ୱୟଂ ଯୀଶୁ ଅଟନ୍ତି । ସେହି କାରଣରୁ ସ୍ୱୟଂ ଯୀଶୁ ଆପଣାକୁ ବାକ୍ୟରେ ସ୍ଥାପନ କରି ଅଛନ୍ତି, 'ମୁଁ ସେହି ସର୍ବଶକ୍ତିମାନ, ଆଜି ଅଛି, ଅତିତରେ ଥିଲି ଏବଂ ଭବିଷ୍ୟତରେ ଆସିବି । ଆମେନ୍ ।"

ଆପଣଙ୍କୁ ପ୍ରକାଶନଟି ଯଦି ମିଳିନାହିଁ ତେବେ ଉର୍ଦ୍ଧ୍ୱକୁ ଚାହିଁ ପରମେଶ୍ୱରଙ୍କଠାରୁ ଭିକ୍ଷା କରନ୍ତୁ । ପରମେଶ୍ୱର ହିଁ ଆପଣଙ୍କୁ ପ୍ରକାଶନଟିକୁ ଦେଇ ପାରନ୍ତି । ଏକମାତ୍ର ଉପାୟ କେବଳ ଏହା ହିଁ ଅଟେ । ପ୍ରକାଶନଟି କଦାପି କୌଣସି ପ୍ରକାରେ ପ୍ରାକୃତିକ ରୂପେ ମନୁଷ୍ୟମାନଙ୍କ ଦ୍ୱାରା ଲାଭ କରଯାଇ ନ ଥାଏ ମାତ୍ର ଏହା ଆଧ୍ୟାତ୍ମିକ ରୂପେ ମିଳିଥାଏ । ଆପଣମାନେ ସମସ୍ତ ପବିତ୍ର ଶାସ୍ତ୍ରକୁ ଘୋଷି ପକାଇଲା

କିଛି ଦିନ ପୂର୍ବେ ମୁଁ ଜଣେ ଯିହୂଦୀ ରବ୍‌ବୀଙ୍କ ସହିତରେ କଥାବାର୍ତ୍ତା କରୁଥିଲି । ସେ ମୋତେ କହିଥିଲେ ଯେ, "ଆପଣମାନେ ବିଜାତୀୟଗଣ, ଆପଣମାନେ ପରମେଶ୍ୱରଙ୍କର ତିନିଭାଗ କରି କୌଣସି ଯିହୂଦୀକୁ ଦେଇ ପାରନ୍ତି ନାହିଁ । ଆମ୍ଭେମାନେ ଆପଣମାନଙ୍କଠାରୁ ବେଶୀ ଜାଣୁ ।

ମୁଁ କହିଥିଲି, 'ହେ ରବ୍‌ବୀ, ଏହା ସତ୍ୟକଥା ନୁହେଁ, ଆମ୍ଭେମାନେ ମଧ୍ୟ ପରମେଶ୍ୱରଙ୍କର ତିନୋଟି ଭାଗ କରି ନ ଥାଉ । ଆପଣ ଭବବାଦୀମାନଙ୍କ ଉପରେ ବିଶ୍ୱାସ କରନ୍ତି କି କରନ୍ତି ନି ?

ସେ ଉତ୍ତର ଦେଇଥିଲେ,

'ନିଶ୍ଚିତ ରୂପେ ବିଶ୍ୱାସ କରିଥାଏ ?

'ଆପଣ ଯିଶାଇୟ ୯ : ୬ ପଦକୁ ବିଶ୍ୱାସ କରିଥାନ୍ତି ?' 'ହଁ'

'ଏହି ସ୍ଥାନରେ ଭବବାଦୀ ଜଣକ କାହାର ସମ୍ବନ୍ଧରେ ଭବବାଣୀ କରି କହୁଅଛନ୍ତି ?'

'ମସୀହଙ୍କ ସମ୍ବନ୍ଧରେ କହୁଅଛନ୍ତି ।'

ମୁଁ ପଚାରି ଥିଲି — 'ଏହି ମସୀହଙ୍କର ପରମେଶ୍ୱରଙ୍କ ସହିତରେ ସମ୍ପର୍କ କି ପ୍ରକାର ?

ସେ କହିଥିଲେ, ସେ ସ୍ୱୟଂରୂ ପରମେଶ୍ୱର ହେବେ ।

ମୁଁ କହିଥିଲି, "ତାହା ହିଁ ଠିକ୍" — ଆମେନ୍ ।

ଆପଣମାନେ ଈଶ୍ୱରଙ୍କୁ ତିନି ଭାଗରେ ବାଣ୍ଟି ପାରନ୍ତି ନାହିଁ କିମ୍ବା ତାଙ୍କୁ ତିନିଜଣ ବ୍ୟକ୍ତି ରୂପେ ପରିଚିତ କରି ପାରନ୍ତି ନାହିଁ । ଆପଣମାନେ କୌଣସି ଏକ ଯିହୂଦୀକୁ ଏପରି ବୁଝାଇ ପାରନ୍ତି ନାହିଁ



ପ୍ରେରିତମାନଙ୍କ କାର୍ଯ୍ୟର ବିବରଣୀ ନାମକ ପୁସ୍ତକର ୧୯ : ୧-୬ ପଦଗୁଡ଼କରେ ଏପରି ଲିଖିତ ହୋଇଅଛି : "ଆପଲ୍ଲ କରିନ୍ଥରେ ଥିବା ସମୟରେ ପାଉଲ୍ ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସ ନଗରକୁ ଆସି କେତେକ ଶିଷ୍ୟଙ୍କ ଦେଖା ପାଇଲେ । ସେ ସେମାନଙ୍କୁ ପଚାରିଲେ, ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ? ସେମାନେ ତାହାଙ୍କୁ ଉତ୍ତର ଦେଲେ, ନା, ପବିତ୍ର ଆତ୍ମା ଯେ ଦତ୍ତ ହୋଇ ଅଛନ୍ତି, ତାହା ସୁଦ୍ଧା ଆମ୍ଭେମାନେ ଶୁଣିନାହୁଁ । ତେଣୁ ସେ ପଚାରିଲେ, ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ ? ସେମାନେ କହିଲେ, ଯୋହନଙ୍କ ବାପ୍ତିସ୍ମରେ । ସେଥିରେ ପାଉଲ୍ କହିଲେ, ଯୋହନ ମନପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିସ୍ମ ଦେଇ, ତାହାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ, ଅର୍ଥାତ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ହେବ ବୋଲି ଲୋକମାନଙ୍କୁ କହୁଥିଲେ । ସେମାନେ ଏହା ଶୁଣି **'ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ'**, ଆଉ ପାଉଲ୍ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଲାଗିଲେ ଓ ଭବବାଣୀ ମଧ୍ୟ କହିବାକୁ ଲାଗିଲେ ।" ଏହା ସେପରି ଅଟେ । ଏଫିସୀୟର ଏହି ଉତ୍ତମ ଜନସାଧାରଣ ମସୀହ (ଯୀଶୁ)ଙ୍କର ଆଗମନ ବିଷୟରେ ଶୁଣିଥିଲେ । ଯୋହନ ତାଙ୍କୁ (Him) ପ୍ରଚାର କରିଥିଲେ । ସେମାନେ ପାପରୁ ମନପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିଜିତ ହୋଇଥିଲେ, ଆଉ ଭବିଷ୍ୟତରେ ଯୀଶୁଂକ ପ୍ରତି ବିଶ୍ୱାସ କରିବାକୁ ଅପେକ୍ଷା କରି ରହିଥିଲେ । ମାତ୍ର ଏତେବେଳେ ଯୀଶୁଂକ ଆଡ଼କୁ ଫେରି ଦୃଷ୍ଟିପାତ କରିବାର ସମୟ ଥିଲା ଆଉ ସକଳ ପାପରୁ ପ୍ରାୟଶ୍ଚିତର ନିମନ୍ତେ ବାପ୍ତିଜିତ ହେବାର ଅବସରଟି ରହିଥିଲା । ପବିତ୍ର ଆତ୍ମାଙ୍କୁ ଲାଭ କରିବାର ସମୟଟି ଏହା ଥିଲା । ଆଉ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସେମାନେ ଯେତେବେଳେ ବାପ୍ତିଜିତ ହୋଇଥିଲେ, ସେତେବେଳେ ପାଉଲ୍

ସେମାନଂକ ଉପରେ ହସ୍ତ ଥୋଇଥିଲେ ଆଉ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କରିଥିଲେ ।

ଆଃ ! ଏଫିସର ସେହି ପ୍ରିୟ ଜନସାଧାରଣ ଉତ୍ତମ ପ୍ରକୃତିର ଥିଲେ ଆଉ ନିଜକୁ ସୁରକ୍ଷିତ ରଖିବାର ଅଧିକାରକୁ ସାବ୍ୟସ୍ତ କରୁଥିଲେ । ସେମାନଙ୍କର ଦୂରଦୃଷ୍ଟିକୁ ଦେଖନ୍ତୁ । ଆଗତ ମସୀହଙ୍କୁ ଗ୍ରହଣ କରିବା ନିମନ୍ତେ ସେମାନେ ପ୍ରସ୍ତୁତ ହୋଇ ରହିଥିଲେ । ଆଉ ଏତେ ଦୂରକୁ ଯାତ୍ରା କରି ଆସିଥିଲେ । କିନ୍ତୁ ଆମେ ଦେଖୁ ଯେ ତାଙ୍କୁ ସ୍ୱୀକାର କରିବା ନିମନ୍ତେ ସେମାନେ ପ୍ରସ୍ତୁତ ତଥାପି ସେମାନେ ସେ ଅବସରଟିକୁ ହରାଇ ବସିଥିଲେ ଯେହେତୁ ଯୀଶୁ ଆସି ପୁନଶ୍ଚ ଚାଲିଯାଇ ଥିଲେ । ସେମାନଙ୍କୁ ମଧ୍ୟ ତାଙ୍କରି ନାମରେ ବାପ୍ତିସ୍ମ ଗ୍ରହଣ କରିବା ନିମନ୍ତେ ଆବଶ୍ୟକ ରହିଯାଇ ଥିଲା ।

ଆପଣମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଯଦି ବାପ୍ତିଜିତ ହୋଇ ସାରି ଅଛନ୍ତି ତେବେ ପରମେଶ୍ୱର ଆପଣାର ପବିତ୍ର ଆତ୍ମାଙ୍କ ଶକ୍ତିରେ ଆପଣମାନଙ୍କୁ ଭରିଦେବେ । ଏହା ହିଁ ତାଙ୍କର ବାକ୍ୟଟି ଅଟେ । ପ୍ରେରିତମାନଂକ କାର୍ଯ୍ୟର ବିବରଣୀ ୧୯ : ୬ ପଦରେ ଆମ୍ଭେମାନେ ଯେଉଁ ବିଷୟଟିର ଉପରେ ପାଠ କରୁଅଛୁଁ ତାହାରି ସଫଳୀକରଣର ବିଷୟଟିକୁ ଆମ୍ଭେମାନେ ପ୍ରେରିତ ୨ : ୩୮ ପଦରେ ଲାଭ କରିଥାଉ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଂକ ନାମରେ ବାପ୍ତିଜିତ ହେଉନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଂକର ଦାନ ପ୍ରାପ୍ତ ହେବେ ।" ଦେଖନ୍ତୁ, ପିତର ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ଯାହା କରିଥିଲେ, ଠିକ୍ ସେହିପରି ପବିତ୍ର ବାକ୍ୟକୁ ପବିତ୍ର ଆତ୍ମାଂକ ଦ୍ୱାରା ପରିପୂର୍ଣ୍ଣ ହୋଇ ପାଉଲ ମଧ୍ୟ କହିଥିଲେ । ଆଉ ଯାହା କୁହାଯାଇ ଥିଲା ତାହା **ପରିବର୍ତ୍ତନ ହୋଇ ନ ପାରେ** । ପେଣ୍ଟିକଷ୍ଟ ଦିନରୁ ଆରମ୍ଭ କରି ସେହି ସର୍ବଶେଷ ମନୋନୀତ ବ୍ୟକ୍ତି ଜଣକ ବାପ୍ତିସ୍ମ ନ ହେବା



ମୁଁ କହିଥିଲି, "ନା, ସେପରି ନୁହେଁ ।"
ସେ କହିଥିଲେ, "କ୍ଷମା କରିବେ ତେବେ କିପରି ?"

ତାପରେ ମୁଁ ତାଙ୍କୁ ବୁଝାଇଲି,

'ଆପଣ ମୋତେ ଦେଖୁଛନ୍ତି କି ?'

ସେ କହିଥିଲେ, 'ଆଜ୍ଞା, ହଁ ।'

ମୁଁ ପଚାରି ଥିଲି,
'ଆପଣ ମୋହର ପତ୍ନୀଙ୍କୁ ମଧ୍ୟ ଦେଖୁଛନ୍ତି କି ?'

ସେ ଉତ୍ତର ଦେଇଥିଲେ, "ନା, ନୁହେଁ" ।

ମୁଁ କହିଥିଲି ଯୀଶୁଙ୍କ ସମ୍ବନ୍ଧରେ 'ଏକତ୍ୱ' ବକ୍ତବ୍ୟଟି ଭିନ୍ନ ଧରଣର ଅଟେ, କାରଣ ସେ କହୁଅଛନ୍ତି ଯେ 'ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି ।'

ଭବବାଦୀ କହିଥିଲେ ଯେ, ସନ୍ଧ୍ୟାକାଳରେ ଦୀପ୍ତି ହେବ । ମୁଁ ଗୋଟିଏ ଗୀତ ଏପରି ଲେଖିଅଛି :—

"ହେଉ ଦୀପ୍ତିମନ୍ତ ସନ୍ଧ୍ୟାକାଳ,
ଘଟୁ ମହାମହିମର ଆବିଷ୍କାର ।

ଆଜିର ଅଲୋକ ବାପ୍ତିସ୍ମ ଗୋଟି;
ଯୀଶୁଙ୍କର ନାମେ ଅଛି ସେଇଟି ।

ଅନୁତାପ କରି ପିଲା ବୁଢାଏ,
ପବିତ୍ର ଆତ୍ମାଙ୍କୁ ଲଭ ସଭିଏଁ ।

ଦୀପ୍ତିଟିକୁ ଦେଖ ଏ ସନ୍ଧ୍ୟାକ୍ଷଣେ,
ପ୍ରଭୁ ଓ ଯୀଶୁ ଅଟନ୍ତ ଜଣେ ।"

**ଶରୀରଧାରୀ ହୋଇ ଏକମାତ୍ର ବ୍ୟକ୍ତିଙ୍କ ମଧ୍ୟରେ ପ୍ରକଟ ହୋଇଥିଲେ ।** ଏହା ତ୍ରିଈଶ୍ୱରବାଦ ପରି ନୁହେଁ ଯେ ପରମେଶ୍ୱର ତିନୋଟି ବ୍ୟକ୍ତିଙ୍କ ମଧ୍ୟରେ ପ୍ରକଟ ହୋଇଥିଲେ । **ପରମେଶ୍ୱର ତିନୋଟି ବିଭିନ୍ନ ଧରଣର ସ୍ଥିତିରେ ଅଥବା ଉପାଧି-ଗୁଡ଼ିକରେ ପରିଚିତ ଥାଇ ଆସିଥିଲେ ।** ପୁନଶ୍ଚ ଏହି ପଂକ୍ତିଗୁଡିକୁ ଆଉଥରେ ଶ୍ରବଣ କରନ୍ତୁ ଦେଖିବେ ଯୀଶୁଙ୍କୁ 'ପ୍ରଭୁ ଏବଂ ଖ୍ରୀଷ୍ଟ' ଉଭୟ ପଦରେ ନିଯୁକ୍ତ କରଯାଇଅଛି । ସେ **ପ୍ରଭୁ (ପିତା) ଏବଂ ଖ୍ରୀଷ୍ଟ (ପବିତ୍ର ଆତ୍ମା) ଅଟନ୍ତି ଆଉ ସେ ହିଁ ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ ଅଟନ୍ତି ।**

ଏଥିରୁ ପରମେଶ୍ୱରତ୍ୱ ସମ୍ବନ୍ଧରେ ସତ୍ୟ ପ୍ରକାଶନଟି ଯଦି ସ୍ପଷ୍ଟ ନ ହେଲା ତେବେ ଆଦୌ ସମ୍ଭବ ହେବ ନାହିଁ । ପ୍ରଭୁ ଜଣେ ଅନ୍ୟ ବ୍ୟକ୍ତି ନୁହନ୍ତି, ଖ୍ରୀଷ୍ଟ ମଧ୍ୟ କେହି ଅନ୍ୟ ବ୍ୟକ୍ତି ନୁହନ୍ତି, **ମାତ୍ର ଯୀଶୁ ହିଁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଟନ୍ତି — ଏକମାତ୍ର ଈଶ୍ୱର ଅଟନ୍ତି ।**

ଏକଦା ଫିଲିପ ଯୀଶୁଙ୍କୁ କହିଥିଲେ, ପ୍ରଭୁ, ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ ।' ଯୀଶୁ ଉତ୍ତର ଦେଇଥିଲେ, 'ଏତେକାଳ ମୁଁ ତୁମ୍ଭମାନଙ୍କ ସଙ୍ଗରେ ଅଛି, ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି, ଏବଂ **ମୁଁ ଓ ପିତା ଏକ ।**' ଏହି ବିଷୟଟିକୁ ଦିନେ ଜଣେ ଯୁବତୀଙ୍କୁ ମୁଁ ଯେତେବେଳେ କହିଥିଲି ସେ ମୋତେ ପଚାରିଥିଲେ :—

"ଟିକେ ରୁହନ୍ତୁ, ମହାଶୟ ବ୍ରାନ୍‌ହାମ !
ଆପଣ ଏବଂ ଆପଣଙ୍କର ପତ୍ନୀ ଏକ ଅଟନ୍ତି କି ?"



ପର୍ଯ୍ୟନ୍ତ ସବୁକିଛି ବିଷୟଗୁଡିକୁ ଠିକ୍ ସେହିପରି ଘରରେ ପାଳନ କରିବା ବାଞ୍ଛନୀୟ । ଗାଲାତୀୟ ୧ : ୮ ପଦ ଅନୁସାରେ, 'କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଂକ ନିକଟରେ ପ୍ରଚାର କରିଥିଲୁଁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ ।"

ବର୍ତ୍ତମାନ ଧ୍ୟାନ ଦିଅନ୍ତୁ 'ଏକ ମତବାଦୀ (Oneness) ମଣ୍ଡଳୀ କେତେକ ମଧ୍ୟ ଭ୍ରାନ୍ତପୂର୍ଣ୍ଣ ବାପ୍ତିସ୍ମଟିକୁ ପ୍ରଦାନ କରୁଅଛନ୍ତି । ଆପଣ-ମାନେ ନୂତନ ଜନ୍ମର ନିମନ୍ତେ ମଗ୍ନିକରଣର ବାପ୍ତିସ୍ମଟିକୁ ପ୍ରଦାନ କରୁଅଛନ୍ତି ସତେ ଯେପରି ପାଣିରେ ମଗ୍ନିକୃତ ହୋଇଯିବା ଦ୍ୱାରା ଆପଣମାନଙ୍କୁ ନୂତନ ଜନ୍ମ ମିଳିଯିବ କିମ୍ବା ଉଦ୍ଧାର ପ୍ରାପ୍ତ ହେବେ । ଜଳ ଦ୍ୱାରା ନୂତନ ଜନ୍ମଲାଭ ହୋଇ ନ ଥାଏ, ଏହା ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଅଟେ । ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇ ସେହି ପ୍ରେରିତଗଣ ଆଦେଶ ଦେଇଥିଲେ ଯେ, 'ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ', ଆଉ ସେମାନେ ଆଦୌ କହି ନାହାନ୍ତି ଯେ ଜଳ ଦ୍ୱାରା ନୂତନ ଜନ୍ମ ମିଳିଯିବ । ସେମାନେ କହିଥିଲେ ଯେ ଜଳରେ ମଗ୍ନିକରଣ ହେବାର ଅର୍ଥ, "ଈଶ୍ୱରଂକ ପ୍ରତି ଆମ୍ଭମାନଂକର ବିଶୁଦ୍ଧ (ଶୁଚି) ବିବେକ ଲାଭ କରିବା ।" କେବଳ ମାତ୍ର ସେତିକି । ୧ମ ପିତର ୩ : ୨୧ ପଦର ଅନୁସାରେ, 'ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।" (ତଦ୍ଦ୍ୱାରା ଶରୀରର ମଳିନତା ଦୂର କରିବା ନୁହେଁ, କିନ୍ତୁ ଈଶ୍ୱରଂକ ନିକଟରେ ଶୁଚି ବିବେକ ପାଇବାର ଅର୍ଥ ଅଟେ ।) ମୁଁ ଏପରି ହିଁ ବିଶ୍ୱାସ କରିଥାଏ ।

କେହି ଯଦି ଏକ ପ୍ରକାର ମିଥ୍ୟା ପ୍ରତାରଣା କରି [illegible] ପ୍ରମାଣିତ କରିପାରେ ଯେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ[illegible] ନାମ ଭିନ୍ନ ଅନ୍ୟ

କୌଣସି ପ୍ରକାରେ ଜଳରେ ବାପ୍ତିସ୍ମ ପ୍ରଦାନ କରାଯାଇ ପାରେ, ତେବେ ମୋ ମତରେ ଆପଣ ନିଜେ ଇତିହାସକୁ ପାଠ କରନ୍ତୁ ଏବଂ ପ୍ରକୃତ ସତ୍ୟକୁ ବୁଝି ନିଅନ୍ତୁ । ନିମ୍ନରେ ପ୍ରଦାନ କରାଯାଇ ଥିବା ବିଷୟଟି ବାପ୍ତିସ୍ମର ଏକ ସତ୍ୟ ଘଟଣା ଅଟେ । ଏହା ଖ୍ରୀଷ୍ଟାବ୍ଦ ୧୦୦ରେ ରୋମରେ ଘଟିଥିଲା, ଆଉ ୫ ଡିସେମ୍ବର ୧୯୫୫ରେ ଟାଇମ ପତ୍ରିକା ଏହାକୁ ପୁନର୍ବାର ପ୍ରକାଶିତ କରିଥିଲା ।

“ସହପାଳକ ଆପଣାର ହସ୍ତକୁ ଉପରକୁ ଉଠାଇ ଥିଲେ, ଏବଂ ପର୍ବ୍ଲିୟସ୍ ଡେସିୟସ୍’ ବାପ୍ତିସ୍ମ ଦାନର ସ୍ଥାନସ୍ଥିତ ଦ୍ୱାରର ଭିତରକୁ ପ୍ରବେଶ କରିଥିଲେ । କାଠର ବେପାରୀ ମାର୍କ ଓ୍ୱାକ୍ସା ସେହି ପୋଖରୀରେ ଅଣ୍ଟା ପର୍ଯ୍ୟନ୍ତ ବୁଡ଼ ଜଳ ମଧ୍ୟରେ ଠିଆ ହେଲେ । ସେତେବେଳେ ତାଙ୍କରି ପଛେ ପଛେ ପର୍ବ୍ଲିୟସ ପୋଖରୀ ମଧ୍ୟକୁ ପ୍ରବେଶ କରିଥିଲେ ସେତେବେଳେ ସେ ହସୁଥିଲେ । ସେ ପଚାରି ଥିଲେ, ‘ତୁମ୍ଭେ ପ୍ରସ୍ତୁତ ଅଟକି ?’’ ପର୍ବ୍ଲିୟସ ଉତ୍ତର ଦେଇ “ହଁ’’ କହିଥିଲେ । ତତ୍ପରେ ପର୍ବ୍ଲିୟସ କହିଥିଲେ, “ମୋହର ଉଦ୍ଧାର ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ଅଟେ ଯିଏ କି ପନ୍ତିୟ ପିଲାତଙ୍କ ଦ୍ୱାରା କ୍ରୁଶରେ ଚଢ଼ାଯାଇ ଥିଲେ । ତାଙ୍କରି ସହିତରେ ମୁଁ ମୃତ୍ୟୁଭୋଗ କରିଅଛି ଆଉ ତାଙ୍କର ସହିତରେ ମୁଁ ପୁନର୍ଜୀବିତ ହୋଇପାରେ ଏବଂ ଅନନ୍ତ ଜୀବନ ଲାଭ କରିପାରେ । ତତ୍ପରେ ପର୍ବ୍ଲିୟସ ଅନୁଭବ କଲେ ଯେ ଦୁଇଟି ଶକ୍ତିଶାଳୀ ହସ୍ତ ତାଙ୍କୁ ଧରି ରଖିଅଛି ଆଉ ପଛୁଆ ପାଣିରେ ପଡ଼ିଯିବା ନିମନ୍ତେ ସେ ଆପଣାର ଶରୀରକୁ ଢିଲା ଛାଡ଼ିଦେଇ ଅଛନ୍ତି; ଠିକ ସେତିକିବେଳେ ମାର୍କଙ୍କର କଣ୍ଠସ୍ୱର ତାଙ୍କରି କାନରେ ପଡ଼ିଲା, ‘ମୁଁ ତୁମ୍ଭକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ପ୍ରଦାନ କରୁଅଛି’, ତତ୍ପରେ ଶୀତଳ ଜଳ ତାଙ୍କୁ ଆପଣାର ମଧ୍ୟରେ ଗ୍ରହଣ କରିନେଇ ଥିଲା ।’’

ଯେତେବେଳ ପର୍ଯ୍ୟନ୍ତ ବାପ୍ତିସ୍ମର ଏହି ସତ୍ୟଟି ଲୋପ ପାଇ ପାଇ ନ ଥିଲା ଆଉ (ଏହା ନାଇସିନ ମହାସଭାରେ ଲୁପ୍ତ ହୋଇଯାଇ



ଥିଲା ଆଉ ଏହି ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ପ୍ରାୟତଃ ଲୁପ୍ତ ହୋଇ ରହିଥିଲା) ସେତେବେଳ ପର୍ଯ୍ୟନ୍ତ ଲୋକମାନେ ଏହି ପ୍ରକାର ରୀତିରେ; ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ପ୍ରଦାନ କରୁଥିଲେ । ଏତେଦିନ ପର୍ଯ୍ୟନ୍ତ ଏହାକୁ ଗୁପ୍ତ କରି ରଖିବା ପରେ ମଧ୍ୟ ଶୟତାନ ଏହାକୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିପାରି ନ ଥିଲା ଆଉ ଏହି ସତ୍ୟ ପ୍ରକାଶନଟି ଗୁପ୍ତ ହୋଇ ରହିପାରି ନ ଥଲା । ଶୟତାନ ସେପରି କରି ନ ପାରେ ଯେହେତୁ ଲୋକମାନଙ୍କୁ ଏହି ସତ୍ୟତାକୁ ପ୍ରକାଶିତ କରିବା ନିମନ୍ତେ ପବିତ୍ର ଆତ୍ମା ଇଚ୍ଛା କରନ୍ତି ।

ଅଚ୍ଛା, ଯଦି ତିନିଜଣ ଈଶ୍ୱର ପ୍ରକୃତରେ ଅଟନ୍ତେ ତେବେ ତ ବଡ଼ ଖୁସିର ସହିତ ଆପଣମାନେ ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ପରି ତିନି ପରମେଶ୍ୱରଙ୍କ ନାମରେ ବାପ୍ତିସ୍ମ କରିପାରି ଥାନ୍ତେ, ମାତ୍ର **ଯୋହନଙ୍କ ଦ୍ୱାରା ଆମ୍ଭମାନଙ୍କୁ ଯେଉଁ ପ୍ରକାଶନଟିକୁ ପ୍ରଦାନ କରାଯାଇ ଅଛି, ତଦନୁସାରେ ଈଶ୍ୱର ଏକ ଅଟନ୍ତି ତାଙ୍କର ନାମ ଯୀଶୁ ଖ୍ରୀଷ୍ଟ ଏବଂ କେବଳ ଜଣେ ଈଶ୍ୱରଙ୍କ ନାମରେ ଆମ୍ଭମାନଙ୍କୁ ବାପ୍ତିସ୍ମ ଗ୍ରହଣ କରିବାକୁ ଅଛି ।** ସେହି କାରଣରୁ ପେଣ୍ଟିକଷ୍ଟ ଦିନ ପିତର ଯେ ସେପରି କରିଥିଲେ ଆଉ ଠିକ୍ ସେହିପରି ବାପ୍ତିସ୍ମ ପ୍ରଦାନ କରିଥିଲେ, କାରଣ ସେପରି ଏକ ପ୍ରକାଶନର ସହିତ ତାଙ୍କୁ ସଙ୍ଗୋଟ ହୋଇ ରହିବାକୁ ଥିଲା । ଆଉ ସେ ତାହାର ଅନୁଗତ ଥିଲେ, ଯାହା କି ଏପରି ଥିଲା, “ଅତଏବ ସମସ୍ତ ଇସ୍ରାୟେଲକୁଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ଯୁକ୍ତ କରି ଅଛନ୍ତି’ । ସେହି କାରଣର ଯୋଗୁଁ ସେ ‘ପ୍ରଭୁ ଯୀଶୁ ଖ୍ରୀଷ୍ଟ’ ଅଟନ୍ତି ।

**ଯୀଶୁ ଯଦି ‘ପ୍ରଭୁ ଏବଂ ଖ୍ରୀଷ୍ଟ’ ଉଭୟ ହିଁ ଅଟନ୍ତି ତେବେ ସେ ହିଁ ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ଯିଏ କି**